European Union (ଇଉରୋପୀଅନ୍ ୟୁନିଅନ୍)

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

(ଡ଼ିସିଏ) (ସ୍ପ୍ରେଡ୍)



- ଏହି ଯୋଜନାରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ଥିବା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷରେ ୧୦୦ଦିନର କାମ ଯୋଗାଇ ଦିଆଯାଏ ।
- ଏଥିରେ ସାମିଲ ହେବାକୁ ଗ୍ରାମପଞ୍ଚାୟତରେ ନାମ ପଞ୍ଜିକରଣ କରନ୍ତୁ ।
- ପଞ୍ଜିକୃତ ହେବାର ୧୫ଦିନ ମଧ୍ୟରେ ଜବ୍‌କାର୍ଡ଼ ଯୋଗାଇ ଦିଆଯାଏ ।
- କାମ ପାଇବା ପାଇଁ ସି-୧ ଫର୍ମରେ ଲିଖିତ ଭାବରେ ଆବେଦନ କରନ୍ତୁ ।
- ଆବେଦନ କରିବାର ୧୫ଦିନ ମଧ୍ୟରେ ଘରଠାରୁ ୫କି.ମି. ଦୂରତା ମଧ୍ୟରେ କାମ ଯୋଗାଇ ଦିଆଯାଏ ।
- ୫କି.ମି. ଦୂରତା ବାହାରେ କାମ ଯୋଗାଇ ଦିଆଗଲେ ମଜୁରିର ୧୦ପ୍ରତିଶତ ଅଧିକ ଟଙ୍କା ମିଳିବ ।
- ଆବେଦନ କରିବାର ୧୫ଦିନ ମଧ୍ୟରେ କାମ ଯୋଗାଇ ଦିଆନଗଲେ ବେରୋଜଗାରୀ ଭତ୍ତା ପ୍ରଦାନର ବ୍ୟବସ୍ଥା ଅଛି ।
- କାମ କରିବାର ୧୫ଦିନ ମଧ୍ୟରେ ବ୍ୟାଙ୍କ୍ ବା ପୋଷ୍ଟ୍ ଅଫିସ୍ ମାଧ୍ୟମରେ ମଜୁରି ପ୍ରଦାନ କରାଯାଏ ।
- ପୁରୁଷ ବା ମହିଳା ଶ୍ରମିକ ସମସ୍ତଙ୍କୁ ସମାନ ଭାବେ ମଜୁରି ବାବଦରେ ୧୬୪ଟଙ୍କା ପ୍ରଦାନ କରାଯାଇଥାଏ ।
- କାର୍ଯ୍ୟସ୍ଥଳୀରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ଆଶ୍ରୟସ୍ଥଳୀ ଏବଂ ଶିଶୁ ଯତ୍ନ ବ୍ୟବସ୍ଥା କରାଯାଇଥାଏ ।
- କାମ କଲାବେଳେ ଦୁର୍ଘଟଣା ହେଲେ ଚିକିତ୍ସା ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଏ ।
- ପ୍ରତ୍ୟେକ ମାସର ୧ମ ଓ ୩ୟ ବୁଧବାର ଗ୍ରାମପଞ୍ଚାୟତରେ ରୋଜଗାର ଦିବସ ପାଳନ କରାଯାଇ ସେଠାରେ ଯୋଜନା ସମ୍ବନ୍ଧୀୟ ସବୁ ସମସ୍ୟାର ସମାଧାନ କରାଯାଏ ।
- ଯୋଜନା ସମ୍ବନ୍ଧୀୟ କୌଣସି ଅଭିଯୋଗ କିମ୍ବା ଅଧିକ ସୂଚନା ଜାଣିବା ପାଇଁ ମାଗଣା ଫୋନ ନଂ ୧୮୦୦-୩୪୫-୬୭୬୮ କୁ ଫୋନ କରନ୍ତୁ ।

**ଘୋଷଣାନାମା:-** ଇଉରୋପୀଅନ୍ ୟୁନିଅନ୍‌ର ସହାୟତାରେ ଏବଂ ଡ୍ୟାନ୍ ଚର୍ଚ୍ଚ ଏଡ୍ ଓ ସ୍ପ୍ରେଡ୍ କୋରାପୁଟଙ୍କ ଦ୍ୱାରା କାର୍ଯ୍ୟକାରୀ ଏକ ପ୍ରକଳ୍ପ ସୌଜନ୍ୟରେ ପ୍ରସ୍ତୁତ ଏହି ଲେଖା ସରକାରଙ୍କ ବିଭିନ୍ନ ପ୍ରକାଶନରୁ ଉଦ୍ଧୃତ । ଏଠାରେ ଲିଖିତ ବିଷୟବସ୍ତୁ ପାଇଁ ଇଉରୋପୀଅନ୍ ୟୁନିଅନ୍ କୌଣସି ସ୍ଥଳେ ଦାୟୀ ନୁହଁନ୍ତି ।